सत्यमेव जयते

MHRD | Government of India
Ministry of Human Resource Development

# ପ୍ରାରୂପ

# ଜାତୀୟ ଶିକ୍ଷା ନୀତି ୨୦୧୯

## ପ୍ରମୁଖ ଅଂଶ

# ବିଦ୍ୟାଳୟ ଶିକ୍ଷା

# ଚିଠା ଜାତୀୟ ଶିକ୍ଷା ନୀତି ୨୦୧୯ : ମୁଖ୍ୟ ଦିଗ

- ପ୍ରାକ ଶୈଶବ ଯତ୍ନ ଓ ଶିକ୍ଷା
- ମୌଳିକ ଭାଷା ଓ ଗାଣିତିକ ଦକ୍ଷତା
- ପାଠ୍ୟକ୍ରମ ପନ୍ଥା: ପାଠ ବିଷୟ ବସ୍ତୁରୁ ଦକ୍ଷତା ଆଡକୁ
- ଶିକ୍ଷକ ଶିକ୍ଷା ଓ ପ୍ରଶିକ୍ଷକ ମାନଙ୍କର ଗୁଣାତ୍ମକ ମାନର ବିକାଶ
- ପାଠ୍ୟକ୍ରମରେ ନମନୀୟତା
- ଚାରି ବର୍ଷିଆ ସମନ୍ଵିତ ବିଏଡ଼ କାର୍ଯ୍ୟକ୍ରମ
- ଧନ୍ଦାମୂଳକ ଶିକ୍ଷାକୁ ପ୍ରୋତ୍ସାହନ ଏବଂ ମାନକ ନିର୍ଦ୍ଧାରଣ
- ବିଦ୍ୟାଳୟ ଗୁଣାତ୍ମକ ମାନ ନିର୍ଦ୍ଧାରଣ ଓ ସ୍ୱିକୃତୀ ରୂପରେଖ
- ଶିକ୍ଷକ ମାନଙ୍କ ପାଇଁ ବୃତ୍ତିଗତ ମାନକ ସ୍ଥିର
- ଶିକ୍ଷାର ସମସ୍ତ ସ୍ତରରେ ପ୍ରଯୁକ୍ତି ବିଦ୍ୟାର ସମନ୍ବୟ

# ଶିକ୍ଷା ଅଧିକାର ଅଧିନିୟମ ୨୦୦୯ କୁ ପ୍ରଭାବିତ କରୁଥିବା ସମସ୍ୟା :

- ଶିକ୍ଷା ଅଧିକାର ଆଇନ କୁ ବ୍ୟାପକ ଭାବେ ସମୀକ୍ଷା କରାଯିବ (ଅନୁଛେଦ ୪.୪.୨ )
- ଶିକ୍ଷା ଅଧିକାର ଆଇନ  ୩ ରୁ ୬ ବର୍ଷ ବୟସର ପିଲାଙ୍କ ପାଇଁ ପ୍ରାଥମିକ ଶିକ୍ଷା ଓ ନବମରୁ ୧୨ଶ ଶ୍ରେଣୀର ମାଧ୍ୟମିକ ଶିକ୍ଷା କୁ ଅନ୍ତର୍ଭୁକ୍ତ କରି ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ବ୍ୟବସ୍ଥା କରାଯିବ(ଅନୁଛେଦ ୩.୧୩  )
- ଶିକ୍ଷା ଅଧିକାର ଆଇନ କୁ ବ୍ୟାପକ କରି ଏହାର ସିମୀତତାକୁ କମ କରିବା ପାଇଁ ଶିକ୍ଷା ର ବିକଳ୍ପ ଢାଞ୍ଚା ( ଗୁରୁକୁଳ ,ପାଠଶାଳା, ମଦ୍ରାସା,ଘର ବିଦ୍ୟାଳୟ କୁ ଗୁରୁତ୍ୱ ଦିଆଯିବ (ଅନୁଛେଦ ୩.୧୨   )
- ଅଧିନିୟମ ଧାରା ୧୨ (୧) (ସି) ର ସମୀକ୍ଷା  (ଅନୁଛେଦ ୪.୪.୨ )
- ଶିକ୍ଷଣ ପାଇଁ ବିକଳ୍ପ ଉପାୟ କୁ ନିଶ୍ଚିତ କରିବା ନିମନ୍ତେ ବିଦ୍ୟାଳୟ ପରିସରକୁ ବ୍ୟାପକ କରିବା  (ଅନୁଛେଦ ୩.୧୧ )
- କମ ପ୍ରତିନିଧିତ୍ୱ ଗୋଷ୍ଠୀରୁ ଶିକ୍ଷକ ମାନଙ୍କର ଅଭାବ କୁ ଦୂର କରିବା ପାଇଁ ସେହି ବର୍ଗ ମାନଙ୍କରୁ ଉନ୍ନତ ମାନର ଶିକ୍ଷକ ବାଛିବା ପାଇଁ ବିକଳ୍ପ କାର୍ଯ୍ୟପନ୍ଥା ସ୍ଥିର କରିବା  (ଅନୁଛେଦ ୫.୧.୩  )
- କମ ପ୍ରତିନିଧିତ୍ୱ ଗୋଷ୍ଠୀର ଅଧିକ ସଂଖ୍ୟକ ଶିକ୍ଷାର୍ଥୀ ବିଶିଷ୍ଟ ବିଦ୍ୟଳଳୟ ମାନଙ୍କରେ ଛାତ୍ର ଶିକ୍ଷକ ଅନୁପାତ ୨୫:୧ ରୁ ଅଧିକ ହେବନାହିଁ  (ଅନୁଛେଦ ୫.୧.୩.(C )

# ଜାତୀୟ ପାଠ୍ୟକ୍ରମ ଆଧାର ସମ୍ପର୍କିତ ସମସ୍ୟା

- ୨୦୨୦ ସୁଦ୍ଧା NCF କୁ ପରିମାର୍ଜନ କରାଯାଇ ଅଧୁନାତନ କରିବା ଓ ଏହାକୁ ସମସ୍ତ ଭାଷାରେ ଉପଲବ୍ଧ କରିବା ( ଅନୁଚ୍ଛେଦ ୪.୭.୧)
- NCERT ର କାର୍ଯ୍ୟ ପରିସର କୁ ବ୍ୟାପକ କରାଯିବ ଯଦ୍ୱାରା ECCE ପାଇଁ ପାଠ୍ୟକ୍ରମ ଓ ଶୈକ୍ଷିକ ରୂପରେଖ ନିଶ୍ଚିତ ରୂପେ NCERT ପ୍ରସ୍ତୁତ କରିବ | ଏହାର ଲକ୍ଷ୍ୟ ହେବ ଶିକ୍ଷାର୍ଥୀ ମାନଙ୍କ ଠାରେ ବହୁ ଭାଷା କୌଶଳର ବିକାଶ ( ଅନୁଚ୍ଛେଦ ୧.୧)
- ୨୦୨୫ ସୁଦ୍ଧା ପଞ୍ଚମ ଶ୍ରେଣୀ ଓ ପରବର୍ତୀ ଶ୍ରେଣୀ ମାନଙ୍କରେ ପ୍ରତ୍ୟେକ ଛାତ୍ର ମୌଳିକ ଭାଷା ଓ ଗଣିତ ଦକ୍ଷତା ହାସଲ କରିବେ ( ପୃଷ୍ଠା ୫୫ )
- NCERT ଏକ ତିନି ମାସ ଅବଧି ବିଶିଷ୍ଟ "ବିଦ୍ୟାଳୟ ପ୍ରସ୍ତୁତି ପ୍ରଦର୍ଶିକା " ପାଠ୍ୟକ୍ରମ ଆଧାର ପ୍ରସ୍ତୁତ କରିବ ଯାହା ସମସ୍ତ ପ୍ରଥମ ଶ୍ରେଣୀ ଶିକ୍ଷାର୍ଥୀ ମାନଙ୍କ ପାଇଁ ବାଧତା ମୂଳକ ହେବ ( ଅନୁଚ୍ଛେଦ ୨.୧୧ )
- NCF କୁ ଆଧାର କରି ପ୍ରତ୍ୟେକ ରାଜ୍ୟ ନିଜସ୍ୱ ପାଠ୍ୟକ୍ରମ ପ୍ରସ୍ତୁତ କରିବେ ,ଯେଉଁଥିରେ ରାଜ୍ୟର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯିବ ( ଅନୁଚ୍ଛେଦ ୪. ୮ )
- ପାଠ୍ୟକ୍ରମ ବିଷୟ ବସ୍ତୁକୁ ହ୍ରାସ କରି ମୌଳିକ ଅପରିହାର୍ଯ୍ୟ ଶିକ୍ଷଣ ଓ ମୌଳିକ  ଚିନ୍ତନକୁ ପ୍ରାଧାନ୍ୟ ଦିଆଯିବ ( ଅନୁଚ୍ଛେଦ ୪.୩ )

# ଜାତୀୟ ପାଠ୍ୟକ୍ରମ ଆଧାର ସମ୍ପର୍କିତ ସମସ୍ୟା .... କ୍ରମଶଃ

- ପାଠ୍ୟକ୍ରମ ବିଷୟ ସହ ବା ଅନ୍ୟାନ୍ୟ ପାଠ କାର୍ଯ୍ୟ ପରିସର , କଳା ଓ ବିଜ୍ଞାନ ; କିମ୍ବା ଧନ୍ଦାମୂଳକ ଏବଂ ବୈଷିକ ବିଭାଗ ମଧ୍ୟରେ କୌଣସି ଦୂରତ୍ୱ ବା ଭିନ୍ନତା ରହିବ ନାହିଁ ( ଅନୁଛେଦ ୪.୪.୨ ରୁ ୪.୪.୪ )
- ମାଧ୍ୟମିକ ସ୍ତରରେ ବିଷୟ ଚୟନରେ ଅଧିକ ନମନୀୟତା ଦିଆଯିବ ( ଅନୁଛେଦ ୪.୪.୧)
- ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ରେ ପ୍ରତ୍ୟେକ ଶିକ୍ଷାର୍ଥୀ ଧନ୍ଦାମୂଳକ କୌଶଳ ଓ ହସ୍ତଶିଳ୍ପ ,ସର୍ବେକ୍ଷଣ ପାଠ୍ୟକ୍ରମ ,ନୈତିକ ନିୟମାବଳୀ ଓ ଯୁକ୍ତି, ଭାରତୀୟ ଭାଷା ପାଠ୍ୟକ୍ରମ ଯେ କୌଣସି ଶାସ୍ତ୍ରୀୟ ଭାଷା ଉପରେ ଦୁଇ ବର୍ଷିଆ ପାଠ୍ୟକ୍ରମ ପଢିବେ ( ଅନୁଛେଦ ୪.୬.୬ .୨, ୪.୬.୮.୮ , ୪.୫.୧୨, ଓ ୪.୫.୧୬)
- ଅନୁଭୁତିମୂଳକ ଶିକ୍ଷଣ ପାଇଁ ଶ୍ରେଣୀ ଶିକ୍ଷାଦାନ କାର୍ଯ୍ୟ ରେ ସୃଜନାତ୍ମକ ,ସହଭାଗୀମୁଳକ ତଥା ଆବିଷ୍କାର ମୂଳକ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯିବ

# ଜାତୀୟ ପାଠ୍ୟକ୍ରମ ଆଧାର ସମ୍ପର୍କିତ ସମସ୍ୟା .... କ୍ରମଶଃ

- ବିଦ୍ୟାଳୟ ପାଠ୍ୟକ୍ରମ ଓ ଶୈକ୍ଷିକ କାର୍ଯ୍ୟଧାରାକୁ ନୂତନ ଢାଞ୍ଚା ରେ ପୁନର୍ବିନ୍ୟାସ କରାଯିବ : ବିଦ୍ୟାଳୟର ଭୌତିକ ପୁନର୍ବିନ୍ୟାସ ହେବ ନାହିଁ ( ପୃଷ୍ଠା -୭୪)

| 5 + 3 + 3 + 4 | |
|---|---|
| ପ୍ରାରମ୍ଭିକ ସ୍ତର ( ପ୍ରାକ ପ୍ରାଥମିକ ଓ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ)<br>ତିନି ବର୍ଷିଆ ପ୍ରାକ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ<br>(ବୟସ ସୀମା ୩ ରୁ ୮ ବର୍ଷ) | ଦ୍ରୁତ ମସ୍ତିଷ୍କ ବିକାଶ , କ୍ରୀଡା ଏବଂ ସକ୍ରିୟ ଆବିଷ୍କାର |
| ପ୍ରସ୍ତୁତି ସ୍ତର ( ତୃତୀୟ ରୁ ୫ମ ଶ୍ରେଣୀ<br>(ବୟସ ସୀମା ୮ ରୁ ୧୧ ବର୍ଷ) | କ୍ରୀଡା ଓ ଆବିଷ୍କାର ଉପରେ ପର୍ଯ୍ୟବେସିତ ଢାଞ୍ଚାଗତ ଶିକ୍ଷଣ ଆଡକୁ ଅଗ୍ରସର |
| ମଧ୍ୟ ସ୍ତର ( ୬ଷ୍ଠ ରୁ ଅଷ୍ଟମ ଶ୍ରେଣୀ )<br>(ବୟସ ସୀମା ୧୧ ରୁ ୧୪ ବର୍ଷ) | ପାଠ୍ୟ ବିଷୟବସ୍ତୁ ଧାରଣା ,କିଶୋରମାନଙ୍କ ଠାରେ କୌଶଳର ବିକାଶ ନିମନ୍ତେ ଦିଗଦର୍ଶନ |
| **ମାଧ୍ୟମିକ ସ୍ତର (୯ମ ରୁ ୧୨ଶ ଶ୍ରେଣୀ )**<br>**(ବୟସ ସୀମା ୧୪ ରୁ ୧୮ ବର୍ଷ)** | ଉଚ୍ଚ ଶିକ୍ଷା ଓ ଜୀବନ ଧାରଣ ପାଇଁ ପ୍ରସ୍ତୁତ ,ଯୁବକ ପର୍ଯ୍ୟାୟ କୁ ଅଗ୍ରସର |

# ଜାତୀୟ ପାଠ୍ୟକ୍ରମ ଆଧାର ସମ୍ପର୍କିତ ସମସ୍ୟା …. କ୍ରମଶଃ

## ମୂଲ୍ୟାୟନ ପାଇଁ ବୋର୍ଡ (BOA ) (ଅନୁଛେଦ ୮.୧୮ )

- ଶିକ୍ଷା ବିଭାଗ କିମ୍ବା ମାନବ ସମ୍ବଳ ବିକାଶ ମନ୍ତ୍ରାଳୟର ବାହାରେ ବେସରକାରୀ ( ଅଣଲାଭଜନକ ) ମୂଲ୍ୟାୟନ ବୋର୍ଡ ରହି ପାରିବ (ଅନୁଛେଦ ୮.୧୮ )
- ବିଶ୍ୱ ବିଦ୍ୟାଳୟ ମାନେ ମୂଲ୍ୟାୟନ ବୋର୍ଡ ଆରମ୍ଭ କରିପାରିବେ (ଅନୁଛେଦ ୮.୧୮ )
- ରାଜ୍ୟ ଓ କେନ୍ଦ୍ରର ମୂଲ୍ୟାୟନ ବୋର୍ଡ ମାନେ ପରୀକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବେ ଯେଉଁଥିରେ ବିଷୟବସ୍ତୁ ଧାରଣାର ପରୀକ୍ଷଣ ଠାରୁ ଉପରକୁ ଉଠି ଦକ୍ଷତାର ମୂଲ୍ୟାୟନ ହେବ
- ମୂଲ୍ୟାୟନ ବୋର୍ଡ ଗୁଡିକର ପାଠ୍ୟକ୍ରମ / ସିଲାବସ / ପାଠ୍ୟପୁସ୍ତକ ସ୍ଥିର କରିବାରେ କୌଣସି ଭୂମିକା ରହିବ ନାହିଁ
- ମୂଲ୍ୟାୟନ ବୋର୍ଡ ର ବିଦ୍ୟାଳୟ ଉପରେ କୌଣସି ନିୟାମକ ଭୂମିକା ରହିବ ନାହିଁ
- ମୂଲ୍ୟାୟନ ବୋର୍ଡ କୌଣସି ବିଦ୍ୟାଳୟକୁ ଅନୁବନ୍ଧନ କରିବା ନାହିଁ

# ଜାତୀୟ ପାଠ୍ୟକ୍ରମ ଆଧାର ସମ୍ପର୍କିତ ସମସ୍ୟା
# ମୂଲ୍ୟାୟନ / ମାନ ନିର୍ଧାରଣ

- ତୃତୀୟ , ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ଶେଷ ରେ ସମସ୍ତ ଶିକ୍ଷାର୍ଥୀ ରାଜ୍ୟ ଦ୍ୱାରା ଆୟୋଜିତ ପରୀକ୍ଷା ଦେବେ (ଅନୁଛେଦ ୪.୯.୪)
- ବୋର୍ଡ ପରୀକ୍ଷା ର ପୁନର୍ବିନ୍ୟାସ କରାଯିବ (ଅନୁଛେଦ 4.9.5)
  - ✓ ବୋର୍ଡ ପରୀକ୍ଷା ପ୍ରତ୍ୟେକ ଛ ମାସରେ ସେମିଷ୍ଟାର ପଦ୍ଧତି ରେ ଅନୁଷ୍ଠିତ ହେବ
  - ✓ ନବମ ରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ମୋଟ ଆଠଟି ସେମିଷ୍ଟାର ହେବ
  - ✓ ସମସ୍ତ ଛାତ୍ରଙ୍କୁ ଆନ୍ତରିକ ମୂଲ୍ୟାଙ୍କନ ପାଇଁ ୧୫ ବିଷୟ ବ୍ୟତୀତ ପୁରା ୨୪ ବିଷୟ ରେ ବୋର୍ଡ ପରୀକ୍ଷା ଦେବାକୁ ହେବ
  - ✓ ପ୍ରତ୍ୟେକ ଛାତ୍ର ୬ ମାସରେ ପ୍ରତ୍ୟେକ ସିମେଷ୍ଟର ରେ ନ୍ୟୁନତମ ୩ ବିଷୟ ରେ ପରୀକ୍ଷା ଦେବ
  - ✓ ଚାରି ବର୍ଷ ରେ ମାଧ୍ୟମିକ ଶିକ୍ଷା ଅନ୍ତର୍ଭୁକ୍ତ ଛାତ୍ର ୪୦ ରୁ ଅଧିକ ସିମେଷ୍ଟର ପାଠ୍ୟକ୍ରମ ନେଇଥିବେ

- ପ୍ରତି ତିନି ବର୍ଷରେ ଜାତୀୟ ଉପଲବ୍ଧି ସର୍ବେକ୍ଷଣ ହେବ ଯାହା ନମିନେ ଭିତ୍ତିକ ମୂଲ୍ୟାୟନ ହେବ (ଅନୁଛେଦ ୮.୫.୧ )

- ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ରାଜ୍ୟ ଉପଲବ୍ଧି ସର୍ବେକ୍ଷଣରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ମୂଲ୍ୟାୟନ ହେବ
- ବିଦ୍ୟାଳୟ ଶିକ୍ଷାର ପ୍ରତ୍ୟେକ ସ୍ତରରେ କଂପ୍ୟୁଟର ଭିତ୍ତିକ ମୂଲ୍ୟାୟନ କୁ କାର୍ଯ୍ୟକାରୀ କରାଯିବ
- ୨୦୨୩ ମସିହା ସୁଦ୍ଧା ପ୍ରତ୍ୟେକ ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀଙ୍କୁ ପରୀକ୍ଷା ଦେବାପାଇଁ ପଡିବ (ଅନୁଛେଦ ୨.୯ )

# ବିଦ୍ୟାଳୟ ଶାସନ ନୀତି ଓ ପ୍ରଶାସନ

- ବିଦ୍ୟାଳୟ ପରିସର :ଗୋଟିଏ ସଂଗଠନ ଓ ପ୍ରଶାସନିକ ଏକକ ରେ ଥିବା ଅନେକ ସରକାରୀ  ବିଦ୍ୟାଳୟ ( ଅନୁଚ୍ଛେଦ ୭.୧.୧)
- ବିଦ୍ୟାଳୟ ପରିସରରେ ଭାଗିଦାରୀତା
- ଭିତ୍ତିଭୂମି ଓ ସୁବିଧା ସୁଯୋଗ ଯେପରି ପରୀକ୍ଷାଗାର ,ଖେଳ ପଡିଆ, ଖେଳ ଉପକରଣ
- ଭାଷା/ ଖେଳ/ କଳା/ଯୋଗ / ବିଦ୍ୟାଳୟ ନର୍ସ ଆଦି ଶିକ୍ଷକ (( ଅନୁଚ୍ଛେଦ ୭.୨ .୨ )
- ସାମାଜିକ କର୍ମୀ ,ସ୍ୱାସ୍ଥ୍ୟ କର୍ମୀ ଏବଂ କାଉନସେଲର
- ଶିକ୍ଷକ ମାନେ ଜିଲ୍ଲାରେ ନିଯୁକ୍ତି ହେବେ ଓ ବିଦ୍ୟାଳୟ ପରିସରରେ କାର୍ଯ୍ୟ କରିବେ ( ଅନୁଚ୍ଛେଦ ୫.୧.୫.)
- ସାମାଜିକ କର୍ମୀ ସ୍ୱାସ୍ଥ୍ୟ କର୍ମୀ ଏବଂ କାଉନସେଲର ବିଦ୍ୟାଳୟ ପରିସରରେ ଚୁକ୍ତି ଭିତ୍ତିରେ କାର୍ଯ୍ୟ କରିବେ( ଅନୁଚ୍ଛେଦ ୩.୯ ଓ  ୨.୧  )
- ପ୍ରତ୍ୟେକ ଜିଲ୍ଲା ରେ ଜିଲ୍ଲା ଶିକ୍ଷକ କାଉନସିଲ /ଜିଲ୍ଲା ଶିକ୍ଷା ପରିଷଦ ଗଠିତ ହେବ ଏହାର ଚେୟାରମ୍ୟାନ ଜିଲ୍ଲାପାଳ ରହିବେ ଓ ସେ ବିଦ୍ୟାଳୟ ପରିସରର କାର୍ଯ୍ୟକାରିତା ଉପରେ ଦୃଷ୍ଟି ଦେବେ ( ଅନୁଚ୍ଛେଦ ୭.୬.୩.)
- ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ସମସ୍ତ ବିଦ୍ୟାଳୟ ( ସରକାରୀ,ଘରୋଇ ଅନୁଦାନ ପ୍ରାପ୍ତ ଓ ଘରୋଇ ଅଣ ଅନୁଦାନ ପ୍ରାପ୍ତ) ତଦାରଖ କରାଯିବ ( ଅନୁଚ୍ଛେଦ ୭.୭.1)

# ବିଦ୍ୟାଳୟ ଶାସନ ନୀତି ଓ ପ୍ରଶାସନ … *କ୍ରମଶଃ*

- SMC ରେ ମୁଖ୍ୟତ ଅଭିଭାବକ ମାନେ ସଦସ୍ୟ ରହିବେ ( ମୋଟ ୧୦ ରୁ ୧୨ ସଦ୍ସ୍ୟ ) ଏବଂ ଚେୟାରମ୍ୟାନ ନିଯୁକ୍ତ ହେବେ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ SMC କାର୍ଯ୍ୟକାରିତା ପାଇଁ ଉତ୍ତରଦାୟୀ ହେବେ (ଅନୁଛେଦ ୭.୭.୧)
- SMC ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟ ସମ୍ପାଦନାର ମୂଲ୍ୟାୟନ କରିବେ (ଅନୁଛେଦ ୭.୭.୩)
- ଜାତୀୟ ଗୃହ ଶିକ୍ଷକ କାର୍ଯ୍ୟକର୍ମ ( NTP ) ମାଧ୍ୟମରେ ବିଦ୍ୟାଳୟରୁ ଭଲ ଫଳାଫଳ ପ୍ରଦର୍ଶନ କରୁଥିବା ଶିକ୍ଷାର୍ଥୀଙ୍କୁ ବାଛି ସପ୍ତାହକୁ ୫ ଘଣ୍ଟା ତଳ ଶ୍ରେଣୀରେ ପଢୁଥିବା ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନରେ ନିଯୁକ୍ତି କରିବା (ଅନୁଛେଦ ୨.5)
- ପ୍ରତିକାରମୂଳକ ଶିକ୍ଷା ଦାନ ସହାୟତା କାର୍ଯ୍ୟକର୍ମ ( RIAP ) ମାଧ୍ୟମରେ ସ୍ଥାନୀୟ ଗୋଷ୍ଠୀଙ୍କ ମଧ୍ୟରୁ ସ୍ୱେଚ୍ଛାସେବୀଙ୍କୁ ଅର୍ଥ ପ୍ରଦାନ କରି ଯେଉଁ ପିଲାମାନେ ଶିକ୍ଷଣରେ ଦୁର୍ବଳ ,ସେମାନଙ୍କୁ ଶିକ୍ଷା ଦାନ ପ୍ରଦାନ କରିବାର ବ୍ୟବସ୍ଥା (ଅନୁଛେଦ ୨.୬, ୨.୭)
- ଆଦିବାସୀ ମନ୍ତ୍ରାଳୟ ର କାର୍ଯ୍ୟାବଳୀକୁ ସହାୟତା କରିବା ପାଇଁ ଓ ଶିକ୍ଷା କାର୍ଯ୍ୟକର୍ମକୁ ତଦାରଖ କରିବା ପାଇଁ ରାଜ୍ୟ ସ୍ତରୀୟ ସମନ୍ୱୟକାରୀ ନିୟୋଜିତ ହେବେ (ଅନୁଛେଦ ୬.୪.୨)
- ବିଦ୍ୟାଳୟ ଗୁଡିକ ଲାଭଜନକ ଅନୁଷ୍ଠାନ ନୁହେଁ (ଅନୁଛେଦ ୮.୩.୭)

# ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ରେ ପ୍ରବେଶ ପାଇଁ ପରୀକ୍ଷା

- ଜାତୀୟ ପରୀକ୍ଷଣ ସଂସ୍ଥା ନାମ ଲେଖା ପାଇଁ ମହାବିଦ୍ୟଳୟ ଓ ବିଶ୍ୱବିଦ୍ୟାଳୟରେ ବିଷୟ ଭିତ୍ତିକ ଓ ପ୍ରବୃତି ଭିତ୍ତିକ ପରୀକ୍ଷା କରିବେ (ଅନୁଛେଦ ୪.୯.୬)
- NTA  ସମଗ୍ର ଦେଶରେ ପରୀକ୍ଷା କେନ୍ଦ୍ର କରିବା ଓ କମ୍ପୁଟର ଆଧାରିତ ପରୀକ୍ଷା ହେବ (ଅନୁଛେଦ ୪.୯.୬)

# ଶିକ୍ଷକ

- ନିଯୁକ୍ତି ପାଇଁ ପ୍ରଥମ ପରୀକ୍ଷା ହେଉଛି ଶିକ୍ଷକ ଯୋଗ୍ୟତା ପରୀକ୍ଷଣ ( TET ) (ଅନୁଚ୍ଛେଦ ୫.୧.୨)
- ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତର ପାଇଁ  TET ପରୀକ୍ଷା କରାଯିବ
- ସମସ୍ତ ବିଦ୍ୟାଳୟରେ ( ଘରୋଇ ବିଦ୍ୟାଳୟ ମଧ ) ଶିକ୍ଷକ ନିଯୁକ୍ତି ପାଇଁ TET ଓ NTE ପରୀକ୍ଷା ରେ ଉର୍ତ୍ତୀର୍ଣ୍ଣ ହେବା ଆବଶ୍ୟକ  (ଅନୁଚ୍ଛେଦ ୫.୧.୨)
- TET ବ୍ୟତୀତ , ଶିକ୍ଷକ ନିଯୁକ୍ତି ପାଇଁ ସାକ୍ଷାତକାର ଓ ଶିକ୍ଷାଦାନ ପ୍ରଦର୍ଶନ କରିବାକୁ ପଡିବ (ଅନୁଚ୍ଛେଦ ୫.୧.୨)

# ଶିକ୍ଷକ ..... ***କ୍ରମଶଃ***

- ଶିକ୍ଷକ ବଦଳିକୁ କମାଇବା ( ଅନ୍ୟୁନ ୫ ରୁ ୭ ବର୍ଷ ) ଯାହା ଶିକ୍ଷକ - ଶିକ୍ଷାର୍ଥୀ ଗୋଷ୍ଠୀ ସମ୍ପର୍କର ନିରନ୍ତରତାକୁ ନିଶ୍ଚିତ କରିବ (ଅନୁଚ୍ଛେଦ ୫.୧.୭)
- ୩ ବର୍ଷ ପର୍ଯ୍ୟନ୍ତ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ଦୃଷ୍ଟି ରଖିବା , ପରେ କାର୍ଯ୍ୟ ଦକ୍ଷତା ଆଧାରରେ ଚାକିରୀ ଅନୁମୋଦନ ଲାଭ କରିବା (ଅନୁଚ୍ଛେଦ ୫.୪.୧)
- ସମସ୍ତ ସ୍ତରର ସମସ୍ତ ଶିକ୍ଷକ ମାନଙ୍କ ଚାକିରୀ ସର୍ତାବଳୀ ଆଧାରରେ ନିଯୁକ୍ତି ହେବେ ଓ ସମାନ ଦରମା ବ୍ୟବସ୍ଥା ରହିବ (ଅନୁଚ୍ଛେଦ ୫.୪.୨)
- ପ୍ରତ୍ୟେକ ସ୍ତର ପାଇଁ ଅନ୍ୟୁନ୍ୟ ୫ଟି ପଦୋନ୍ନତି ବ୍ୟବସ୍ଥା ରହିବ (ଅନୁଚ୍ଛେଦ ୫.୪.୩)

# ସରକାରଙ୍କର ନୀତି ପ୍ରସ୍ତୁତି ଏବଂ ପରିଚାଳନା

## ରାଷ୍ଟ୍ରୀୟ ଶିକ୍ଷା ଆୟୋଗ ,ରାଜ୍ୟ ଶିକ୍ଷା ଆୟୋଗ  ଓ ରାଜ୍ୟ ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ

**ନୀତି ପ୍ରସ୍ତୁତ  ,ପରିଚାଳନା ,କାର୍ଯ୍ୟକାରିତା ଓ ଶୈକ୍ଷିକ ମାନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟ**

| ନୀତି ପ୍ରସ୍ତୁତ | ରାଷ୍ଟ୍ରୀୟ ଶିକ୍ଷା ଆୟୋଗ(ଅଧ୍ୟାୟ  23)<br>ରାଜ୍ୟ ଶିକ୍ଷା ଆୟୋଗ (ଅଧ୍ୟାୟ 8 & 23) |
|---|---|
| ପରିଚାଳନା | **ରାଜ୍ୟ ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ** (SSRA) ( 8.1.3) |
| କାର୍ଯ୍ୟକାରିତା | ରାଜ୍ୟ / କେନ୍ଦ୍ର ଶାସିତ ଅଂଚଳର ଶିକ୍ଷା ନିର୍ଦ୍ଦେଶାଳୟ ( 8.1.4) |
| ଶୈକ୍ଷିକ ମାନ ନିର୍ଧାରଣ କରିବା | NCERT and SCERT ( 8.1.6) |

SSRA  ବିଦ୍ୟାଳୟ ପରିଚାଳନା ସମସ୍ତ ଦିଗକୁ ଦୃଷ୍ଟି ଦେବା ଓ ବିଦ୍ୟାଳୟ ବ୍ୟବସ୍ଥା କୁ ତଦାରଖ କରିବା ( ଅନୁଚ୍ଛେଦ ୮.୧.୩.)

# ସରକାରଙ୍କର ନୀତି ପ୍ରସ୍ତୁତି ଏବଂ ପରିଚାଳନା

**ରାଷ୍ଟ୍ରୀୟ ଶିକ୍ଷା ଆୟୋଗ ,ରାଜ୍ୟ ଶିକ୍ଷା ଆୟୋଗ ଓ ରାଜ୍ୟ ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ …… *କ୍ରମଶଃ***

- ନୂତନ ସଂସ୍ଥା ( ରାଷ୍ଟ୍ରୀୟ ଶିକ୍ଷା ଆୟୋଗ ) (RSA ), ଶିକ୍ଷା ର ଦୁରଦୃଷ୍ଟି ପ୍ରସ୍ତୁତ କରିବାର ଦାୟିତ୍ଵ ନେବ ଓ ଦୁରଦୃଷ୍ଟି ହାସଲ କରିବା ପାଇଁ ଅନୁଷ୍ଠାନ ଭିତ୍ତିକ ଆଧାର ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ (ଅନୁଛେଦ ୨୩.୧)
- ପ୍ରଧାନ ମନ୍ତ୍ରୀ RSA ର ଚେୟାରମ୍ୟାନ ଓ ଶିକ୍ଷା ମନ୍ତ୍ରୀ ଉପ ଚେୟାରମ୍ୟାନ ରହିବେ (ଅନୁଛେଦ ୨୩.୩, ୨୩.୪)
- MHRD ର ଭୂମିକାକୁ ସମୀକ୍ଷା କରାଯିବ ଓ RSA ସହିତ ସଂଶ୍ଳିଷ୍ଟ କରାଯିବ (୨୩.୧୧)
- NCERT ଓ NIEPA ; RSA କୁ ବିବରଣୀ ପ୍ରଦାନ କରିବେ (ଅନୁଛେଦ ୨୩.୧)
- ପ୍ରତି ରାଜ୍ୟ ରେ ରାଜ୍ୟ ଶିକ୍ଷା ଆୟୋଗ ଗଠନ କରାଯିବ ଓ ମୁଖ୍ୟ ମନ୍ତ୍ରୀ ଏହାର ଚେୟାରମ୍ୟାନ ଓ ଶିକ୍ଷା ମନ୍ତ୍ରୀ ଉପ ଚେୟାରମ୍ୟାନ ରହିବେ (ଅନୁଛେଦ ୨୩.୧୯)
- କିଛି ବର୍ଷ ପରେ ପାର୍ଲିଆମେଣ୍ଟର ଅଧିନିୟମ ଅନୁସାରେ RSA କୁ ସାମ୍ବିଧନିକ ଅଧିକାର ଦିଆଯିବ (ଅନୁଛେଦ ୨୩.୧୧ )

# ଭାଷା ପ୍ରଣୟନ

- ତ୍ରିଭାଷା ପ୍ରଚଳନ ହେବ
- ଆଞ୍ଚଳିକ ଭାଷାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ସଂଖ୍ୟକ ଭାଷା ଶିକ୍ଷକ ନିଯୁକ୍ତି ଦେବେ
- ତ୍ରିଭାଷା ପ୍ରଚଳନରେ ନମନୀୟତା -
- ୬ଷ୍ଠ କିମ୍ବା ୭ମ ଶ୍ରେଣୀରେ ଯିଏ ଚାହିଁବ  ଭାଷାରେ ପରିବର୍ତ୍ତନ  କରିପାରିବ
- ୬ଷ୍ଠ ରୁ ୮ମ ଶ୍ରେଣୀ ମଧ୍ୟରେ ଭାରତରେ ଭାଷା ପାଠ୍ୟକ୍ରମ ଆନନ୍ଦ ଦାୟୀ ହେବ
- ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାର ସବୁ ସ୍ତରରେ ସଂସ୍କୃତ କୁ ଅତିରିକ୍ତ ଭାଷା ରୂପେ ପଢ଼ାଯିବ ଧାରା ୮ ର ଅନ୍ୟ ଭାଷା ପରି
- ମାଧ୍ୟମିକ ବିଦ୍ୟାଳୟ ରେ ବିଦେଶୀ ଭାଷା elective  ଭାବରେ ପ୍ରଚଳନ ହେବ
- ବିଦ୍ୟାଳୟରେ ସଂସ୍କୃତ ସହିତ  ତାମିଲ ,ତେଲୁଗୁ ,କନ୍ନଡ଼ , ମାଲାୟାଲାମ ଓଡ଼ିଆ ,ପାଳି , ଫାରସି ଓ ପ୍ରକୃତ ଆଦି  ଉପଲବ୍ଧ ହେବ
- ୬ଷ୍ଠ ରୁ ୮ମ ଶ୍ରେଣୀରେ ଦୁଇ ବର୍ଷିଆ ଶାସ୍ତ୍ରୀୟ ଭାଷା କୋର୍ସ ରହିବ

# ଧନ୍ୟବାଦ